# ଆଇ.ଆଇ.ଟି ସ୍ଥାନାନ୍ତର ପ୍ରତିବାଦରେ ଜିଲା ବିଜେଡ଼ିର ବିରାଟ ସମାବେଶ



ଫଟୋ–ସମାଜ

କଟକ, ତା୧୪।୫ (ଆ.ପ୍ର)– ଓଡ଼ିଶାରେ ହେବାକୁ ଥିବା ଆଇ.ଆଇ.ଟି ସ୍ଥାନାନ୍ତର ପ୍ରତିବାଦରେ କଟକ ଜିଲା ବିଜୁଜନତା ଦଳ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କଲେଜ ଛକରୁ ବାହାରି ରେଲଷ୍ଟେସନ ନିକଟସ୍ଥ ଡି.ଆର.ଏମ. କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡ଼ିର ଉପସଭାପତି ଅଧ୍ୟାପକ କାଳିନ୍ଦୀଚରଣ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିବାଦସଭା ଆୟୋଜିତ ହୋଇଥିଲା।

ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେତେ ପ୍ରୟାସ ଜାରୀ ରଖିଲେ ମଧ୍ୟ କେନ୍ଦ୍ରର ବୈମାତୃକ ମନୋଭାବ ଯୋଗୁଁ ଓଡ଼ିଶାର ଅବସ୍ଥା ଯେଉଁ ତିମିରେକୁ ସେହି ତିମିରେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି, ରେଳ ବଜେଟରେ ଓଡ଼ିଶାକୁ ଅବହେଳା, ଏ ପର୍ଯ୍ୟନ୍ତ ବନ୍ୟା ସହାୟତାରୁ ଓଡ଼ିଶା ବଞ୍ଚିତ, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ସ୍ଥାନାନ୍ତର ପ୍ରଭୃତି କେନ୍ଦ୍ରସରକାରଙ୍କ ବୈମାତୃକ ମନୋଭାବର ଗୋଟିଏ ଗୋଟିଏ ନମୁନା। ଏହି ପ୍ରତିବାଦ ସଭାରେ ଜିଲାପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ, ସଦର ବିଧାୟକ ପ୍ରଭାତରଞ୍ଜନ ବିଶ୍ୱାଳ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, କଟକ ସହର ସଭାପତି ମଧୁସୂଦନ ସାହୁ, ପ୍ରଶାନ୍ତ ନାୟକ, ଜିଲା ବିଜୁ ଛାତ୍ର ଦଳ ସଭାପତି ବ୍ୟୋମକେଶ ରାୟ, ବିଜୁ ଯୁବଜିଲା ସଭାପତି ପ୍ରଫୁଲ୍ଲ ସିଂହ, ଜିଲା ସମ୍ପାଦକ ପ୍ରମୁଖ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏହି ସମାବେଶରେ ଯୋଗଦେଇ ଓଡ଼ିଶାରେ ତୁରନ୍ତ ଆଇଆଇଟି ପ୍ରତିଷ୍ଠା ନହେଲେ ଆଗାମୀ ଦିନରେ ବିରାଟ ଗଣ ଆନ୍ଦୋଳନ ହେବବୋଲି ଚେତାବନୀ ଦେଇଥିଲେ।